Email tahasil.attbr@gmail.com
tah.atta-od@nic.in

# OFFICE OF THE TAHASILDAR, ATTABIRA
# DIST-BARGARH

**No** 1689 **/ Date** 17.06.2020

To,

**The District Informatics Officer**
**Bargarh**

Sub Uploading of advertisement for lease of Sairat Sources under Attabira Tahasil in the District Website.

Sir,

In enclosing herewith copy of advertisement No 1685 dt 17.06.2020 alongwith the details of sairat sources, conditions etc for lease of Sairat Sources under Attabira Tahasil I am to request you to please upload the same in District Website for wide publication.

This is for favour of kind information and necessary action.

Yours faithfully

17/6/2020

**Tahasildar,Attabira**

Memo No 1690 Dt 17.06.2020

Copy submitted to the Additional District Magistrate, Bargarh / Sub Collector, Bargarh for kind information and necessary action.

17/6/2020

**Tahasildar,Attabira**

**ତହସିଲ କାର୍ଯ୍ୟାଳୟ, ଅତାବିରା, ଜି. ବରଗଡ଼**

**ବିଜ୍ଞାପନ ସଂଖ୍ୟା. 1685 / ତା. 17.6.2020**

**(ଲଘୁ ଖଣିଜ ଉତ୍ସର ଦୀର୍ଘମିଆଦି ଲିଜ୍ ନିମନ୍ତେ ଇସ୍ତାହାର)**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଅତାବିରା ତହସିଲ ଅନ୍ତର୍ଗତ ଲଘୁ ଖଣିଜ ଉତ୍ସଗୁଡିକ OMMC Rules-2016 ମୁତାବକ ଦୀର୍ଘମିଆଦୀ ଲିଜ ସୂତ୍ରରେ ଆସନ୍ତା 5 (ପାଞ୍ଚ) ବର୍ଷ ନିମନ୍ତେ ନିଲାମ ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଇଚ୍ଛୁକ ବ୍ୟକ୍ତିବିଶେଷ OMMC Rules-2016 ରେ ପ୍ରଦତ୍ତ (Form- M) 3 (ତିନି) କପି ଆବେଦନ ପତ୍ର ସହ ଆବଶ୍ୟକୀୟ କାଗଜାତର ନକଲ ସଂଲଗ୍ନ କରି ବନ୍ଦ ଲଫାଫା ଉପରେ ସୈରାତ ଉତ୍ସର ନାମ ଉଲ୍ଲେଖ କରି ତହସିଲଦାର ଅତାବିରାଙ୍କ କାର୍ଯ୍ୟାଳୟ ଠିକଣା ରେ କେବଳ Speed Post/ Regd. Post ମାଧ୍ୟମରେ ପ୍ରେରଣ କରିବେ ଯାହାକି ତା. 14.07.2020 ସୁଦ୍ଧା ତହସିଲଦାର ଅତାବିରାଙ୍କ କାର୍ଯ୍ୟାଳୟ ରେ ପ୍ରାପ୍ତ ହେବା ଆବଶ୍ୟକ ।ତା.20.07.2020ରିଖ ଦିବା 11.00 ସମୟରେ ଲିଜ ଦରଖାସ୍ତକାରୀ କିମ୍ବା ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ଦରଖାସ୍ତଗୁଡିକ ତନଖି କରାଯାଇ ସର୍ବୋଚ୍ଚ ଅତିରିକ୍ତ ଦେୟ ( Addl Charge) ଉଲ୍ଲେଖ କରିଥିବା ଭିତ୍ତିରେ ତହସିଲ କାର୍ଯ୍ୟାଳୟରେ ଗଠିତ ଏକ କମିଟି ଦ୍ୱାରା ଯୋଗ୍ୟ ଲିଜ ଧାରୀ ଚୟନ କରାଯିବ । ଧାର୍ଯ୍ୟ ସମୟ ପରେ ପ୍ରାପ୍ତ ଓ ଅସଂପୂର୍ଣ୍ଣ ଦରଖାସ୍ତ ଗୁଡିକ ବାତିଲ କରାଯିବ । ଯେଉଁ ଉତ୍ସ ଗୁଡିକର ନିର୍ଦ୍ଧାରିତ ତାରିଖରେ ଆବେଦନ ପତ୍ର ମିଳିନଥିବ କିମ୍ବା ଲିଜ ଚୁଡାନ୍ତ ହୋଇ ନଥିବ ସେହି ଉତ୍ସ ଗୁଡିକ ପାଇଁ ଦ୍ୱୀତୀୟ ଓ ତୃତୀୟ ଥର ପାଇଁ ଯଥାକ୍ରମେ ତା.28.07.2020 ରିଖ ଓ ତା 06.08.2020 ରିଖ ମଧ୍ୟାହ୍ନ 12.00 ଘଟିକା ପର୍ଯ୍ୟନ୍ତ ଆବେଦନ ଗ୍ରହଣ କରାଯିବ ଏବଂ ଉକ୍ତ ଦିନ ଅପରାହ୍ନ 3.30 ଘଟିକା ସମୟରେ ପୂର୍ବମତେ ଦରଖାସ୍ତ ଗୁଡିକୁ ତନଖି କରାଯାଇ ଯୋଗ୍ୟ ଲିଜ ଧାରୀ ଚୟନ କରାଯିବ । ଏହାର ସବିଶେଷ ବିବରଣି ଜିଲ୍ଲା website (www.bargarh.nic.in) ରେ ଉପଲବ୍ଧ । ଏତଦ୍ ବ୍ୟତୀତ ସୈରାତ ଉତ୍ସଗୁଡିକର ବିଶଦ ବିବରଣୀ ତହସିଲ କାର୍ଯ୍ୟାଳୟରେ ଯେ କୌଣସି କାର୍ଯ୍ୟଦିବସରେ ମଧ ଦେଖି ପାରିବେ ।

17/6/2020

ତହସିଲଦାର ଅତାବିରା

ଜ୍ଞାପକ ସଂଖ୍ୟା 1686 ତା 17.06.2020

ଏହାର ଏକକିତା ନକଲ ତହସିଲ କାର୍ଯ୍ୟାଳୟ, ଅତାବିରା ନୋଟିସ ବୋର୍ଡରେ ପ୍ରକାଶନ କରାଗଲା ।

ଏହାର ଏକକିତା ନକଲ ଅତାବିରା ତହସିଲ ଅନ୍ତର୍ଗତ ସମସ୍ତ ରାଜସ୍ୱ ନିରୀକ୍ଷକଙ୍କ ପାଖକୁ ତାଙ୍କ ନୋଟିସ ବୋର୍ଡରେ ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ଅତାବିରା ତହସିଲ ଅନ୍ତର୍ଗତ ସମସ୍ତ ଗ୍ରାମ ପଞ୍ଚାୟତର ସରପଞ୍ଚଙ୍କ ପାଖକୁ ତାଙ୍କ ନୋଟିସ ବୋର୍ଡରେ ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

17/6/2020

ତହସିଲଦାର,ଅତାବିରା

ଜ୍ଞାପନ ସଂଖ୍ୟା 1687 ତା 17.06.2020

ଏହାର ଏକକିତା ନକଲ ଅତିରିକ୍ତ ଜିଲ୍ଲାପାଳ, ବରଗଡ/ଉପ ଜିଲ୍ଲାପାଳ,ବରଗଡ ଓ ପଦ୍ମପୁରଙ୍କ ସଦୟ ଅବଗତି ସକାଶେ ପ୍ରେରଣ କରାଗଲା ।

17/6/2020

ତହସିଲଦାର,ଅତାବିରା

# ଦରଖାସ୍ତ ସହ ଦାଖଲ କରିବାକୁ ଥିବା ଦସ୍ତାବିଜ୍

1. ଦରଖାସ୍ତ ପାଉଣା ବାବଦ ଟ. 1000.00 (ଏକ ହଜାର ଟଙ୍କା ମାତ୍ର) (ଅଣ-ଫେରସ୍ତ) ଟ୍ରେଜେରୀ ଚାଲାଣ (Head of Account-0853-Non-Ferous Mining and Metallurgical Industries-102 Mineral Concession Fees, Rents and Royalties) ରେ ଦାଖଲ କରିବେ ।

2. କୌଣସି ମାଇନିଂ/ଲଘୁ ଖଣିଜ ଦ୍ରବ୍ୟ ଦେୟ  ବାବଦକୁ ବକେୟା ନ ଥିବା ନେଇ ଏକ ସତ୍ୟପାଠ(Affidavit) ଦାଖଲ କରିବେ ।

3. IT Returns ଏବଂ ଅନ୍ୟୁନ 18 ମାସ ପର୍ଯ୍ୟନ୍ତ କାଏମ ଥିବା ବ୍ୟାଙ୍କ ଗ୍ୟାରେଣ୍ଟି/ ଋଣ ପରିଶୋଧ କ୍ଷମତା ପ୍ରମାଣପତ୍ର (Solvency Certificate) ଯାହାକି ଦରଖାସ୍ତ କରୁଥିବା ସୈରାତ ଉତ୍ସ ର ବାର୍ଷିକ ମୂଲ୍ୟ {Minimum guarantee quantity x (Royalty + Additional Charge)} ଠାରୁ ଅଧିକ ହୋଇଥିବା ଆବଶ୍ୟକ ।

4. Earnest Money(E.M.D) ପାଇଁ Demand Draft (in favour of Tahasildar, Attabira) ଦାଖଲ କରିବେ , ( ଯାହାର ମୂଲ୍ୟ ସଂପୃକ୍ତ ସଇରାତ ଉତ୍ସ ସହିତ ନିର୍ଦ୍ଧାରିତ ସାରଣୀରେ ପ୍ରଦତ୍ତ ହୋଇଅଛି) ।

5. ସର୍ତ୍ତାବଳୀର ଏକକିତା ନକଲ ତାହାର ଅନୁପାଳନ ସର୍ତ୍ତ ସ୍ୱୀକାରୋକ୍ତି ସ୍ୱରୁପ ସ୍ୱାରକରି ଆବେଦନ ଫର୍ମ (M-form) ସହିତ ଦାଖଲ କରିବେ ।

[signature] 1/6/2020

ତହସିଲଦାର ଅତବିରା

**ବିଶେଷ ସର୍ତ୍ତାବଳୀ**

1. ଆବେଦନକାରୀ/ଲିଜଧାରୀ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ, OMMC Rules- 2016 ର ପରିସରଭୁକ୍ତ ରହିବେ ।
2. ପ୍ରଚଳିତ ନିୟମ ଅନୁଯାୟୀ ଅତିରିକ୍ତ ଦେୟ (Additional Charge) ମୂଲ୍ୟ ଉପରେ ସର୍ବୋଚ୍ଚ ମୂଲ୍ୟଦର୍ଶାଇ ଥିବା ଆବେଦନକାରୀଙ୍କ ଦରଖାସ୍ତକୁ ଲିଜ ପ୍ରଦାନ ନିମନ୍ତେ ଚୟନ କରାଯିବ । ଯଦି 1 ରୁ ଅଧିକ ଦରଖାସ୍ତକାରୀ ସମାନ ସର୍ବୋଚ୍ଚ ମୂଲ୍ୟ ପ୍ରଦାନ କରିଥିବେ ତେବେ ଲଟେରୀ ମାଧମରେ ଲିଜଧାରୀଙ୍କୁ ଚୟନ କରାଯିବ ।
3. ଲିଜ୍ ରେ ଅଂଶ ଗ୍ରହଣ କରୁଥିବା ବ୍ୟକ୍ତିବିଶେଷ ଉତ୍ସଗୁଡିକ ପରିଦର୍ଶନ କରି ପରିଚାଳନା ପାଇଁ ଗମନା ଗମନ ସୁବିଧା, ଗଚ୍ଛିତ ଥିବା ଲଘୁ ଖଣିଜ ଦ୍ରବ୍ୟ ଓ ଅନ୍ୟାନ୍ୟ ଆନୁଷାଙ୍ଗିକ ସୁବିଧା ସଂପର୍କରେ ପର୍ଯ୍ୟବେକ୍ଷଣ କରି ଦରଖାସ୍ତ କରିବା ଆବଶ୍ୟକ । ଲିଜ୍ ନେବା ପରେ ସୈରାତ ଚଳାଇବା ସଂପର୍କରେ କୌଣସି ଅଭିଯୋଗ ଗ୍ରହଣୀୟ ହେବ ନାହିଁ ତଥା କୌଣସି ପ୍ରାକୃତିକ ବିପର୍ଯ୍ୟୟ ନିମନ୍ତେ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।
4. ଲିଜ୍ ସୂତ୍ରେ ନେବାକୁ ଇଚ୍ଛୁକ ଥିବା ବ୍ୟକ୍ତି ଦରଖାସ୍ତରେ ଲଘୁ ଖଣିଜ ଦ୍ରବ୍ୟର ସରକାରଙ୍କ ଦ୍ୱାରା ଅତିରିକ୍ତ ଦେୟ (Additional Charge) ର ମୂଲ୍ୟଠାରୁ କମ୍ ମୂଲ୍ୟ ଦର୍ଶାଇଲେ ଦରଖାସ୍ତଟି ଗ୍ରହଣୀୟ ହେବ ନାହିଁ ଏବଂ ଦରଖାସ୍ତଟି ନାକଚ ହେବ ।
5. ଲିଜ୍ ନିମନ୍ତେ ଯୋଗ୍ୟ ସୈରାତ ଉତ୍ସର ବାର୍ଷିକ ଦେୟ {Minimum guarantee quantity x (Royalty + Additional Charge)} + Amount of contribution payable to DMF ର ଏକ ଚତୁର୍ଥାଂଶ ରାଶି (EMD କୁ ବାଦ ଦେଇ) ଲିଜ ଚୁଡାନ୍ତ ହେବାର 15 ଦିନ ମଧ୍ୟରେ ପ୍ରାଧିକୃତ ଅଧିକାରୀଙ୍କ (ତହସିଲଦାର,ଅତାବିରା) ଙ୍କ ପାଖରେ ଦାଖଲ କରିବେ, ଯାହାକି ସୁଧ ବିହୀନ ଅମାନତ ରାଶି (Security) ହିସାବରେ ରଖାଯିବ ।
6. Environment Clearance ମଞ୍ଜୁରି ପରେ ଲିଜ ଧାରୀ ଏକ ବର୍ଷ ପାଇଁ Surface Rent, Royalty/Dead Rent ଏବଂ Royalty ର 5% EMF, 10% District Mineral Foundation (DMF) ଏବଂ 2% TCS (IT) ଓ ପ୍ରଯୁଜ୍ୟ GSTବାବଦକୁ ରାଶି ପୈଠ କରିବେ । ସଂପୂର୍ଣ୍ଣ ରାଶି ପୈଠ ହେଲାପରେ ଲିଜ୍ ଧାରୀ ରେଜିଷ୍ଟ୍ରେଷନ ଆକ୍ଟ 1908 ଓ ଷ୍ଟାମ୍ପ ଆକ୍ଟ 1999 ଅନୁଯାୟୀ ଚୁକ୍ତି ପତ୍ର (Lease Agreement) ନିଜ ଖର୍ଚ୍ଚରେ ସଂପାଦନ କରିବେ ।
7. ଯଦି ଯୋଗ୍ୟ ବିବେଚିତ ଚୁକ୍ତି ସମ୍ପାଦନ ପୂର୍ବରୁ ମୂଲ୍ୟ ଜମା ନ କରନ୍ତି ତେବେ ତାଙ୍କର EMD ବ୍ୟାଜାପ୍ତି ହେବ ।
8. ଯଦି ସର୍ବାଧିକ ଅତିରିକ୍ତ ଦେୟ ଦର୍ଶାଇଥିବା ଯୋଗ୍ୟ ବିବେଚିତ ଲିଜ ଧାରୀ ସର୍ତ୍ତାବଳୀରେ ଖିଲାପ କରନ୍ତି ତେବେ ତାଙ୍କ ପରବର୍ତ୍ତି ସର୍ବାଧିକ ଅତିରିକ୍ତ ଦେୟ ଦର୍ଶାଇଥିବା ବ୍ୟକ୍ତିଙ୍କୁ କ୍ରମାନ୍ୱୟରେ ସୁଯୋଗ ଦିଆଯିବ ।
9. ଦରଖାସ୍ତକାରୀ Mines Act, 1952 ଓ Explosive Act, 1984 ର ସମସ୍ତ ନିୟମାବଳୀର ଅନ୍ତର୍ଭୁକ୍ତ ରହିବେ ।
10. ଲିଜ ଧାରୀ ସୈରାତ ଉତ୍ସ ର ନକ୍ସା ଅନୁଯାୟୀଉତ୍ସଟିକୁ ସିମେଣ୍ଟ ଖୁଣ୍ଟ ଦ୍ୱାରା ବାଡ ଦେଇ ଚିହ୍ନଟ କରିବେ ଓ ସମ୍ମୁଖ ଭାଗ ରେ ପ୍ରତିଫଳକ ବୋର୍ଡ ତିଆରି କରି ସେଥିରେ ସୈରାତ ଉତ୍ସ ର ନାମ ତଥା ମଞ୍ଜୁର ହୋଇଥିବା ଆର୍ଥିକ ବର୍ଷ ଏବଂ ଅନ୍ୟାନ୍ୟ ସୂଚନା ଉଲ୍ଲେଖ କରିବେ । ଏ ସବୁ କାର୍ଯ୍ୟ ସମ୍ପାଦନ ଲିଜ ଧାରୀ ନିଜ ଖର୍ଚ୍ଚରେ କରିବେ ।
11. Reserve Assessment Report, Mining Plan and Environmental Clearance ବାବଦକୁ ହୋଇଥିବା ଖର୍ଚ୍ଚ ଲିଜ ଧାରୀ ନିଜେ ବହନ କରିବେ ।

12. ଉପରୋକ୍ତ ସମସ୍ତ ସର୍ତ୍ତାବଳୀ ପୂରଣ ହେଲାପରେ କାର୍ଯ୍ୟାଦେଶ ଦିଆଯିବ । କ୍ଷମତା ପ୍ରାପ୍ତ ଅଧିକାରୀ ଙ୍କ ଠାରୁ କାର୍ଯ୍ୟାଦେଶ ନମିଳିବା ପର୍ଯ୍ୟନ୍ତ ଲିଜଧାରୀ ସୈରାତ ଉତ୍ସରୁ ଲଘୁ ଖଣିଜ ଦ୍ରବ୍ୟ ଉତ୍ତୋଳନ କରି ପାରିବେ ନାହିଁ । କାର୍ଯ୍ୟାଦେଶ ନପାଇଲା ପର୍ଯ୍ୟନ୍ତ ସୈରାତ ଉତ୍ସରୁ ଉତ୍ତୋଳନ ଓ ପରିବହନ ହୋଇଥିବା ଲଘୁ ଖଣିଜ ଦ୍ରବ୍ୟ କୁ ବେଆଇନ ଧରାଯିବ ।

13. କୌଣସି କାରଣ ନଦର୍ଶାଇ ଲିଜ କାର୍ଯ୍ୟ ବାତିଲ ବା ସ୍ଥଗିତ କରି ପାରିବା କ୍ଷମତାପ୍ରାପ୍ତ ଅଧିକାରୀ (ତହସିଲଦାର,ଅତାବିରା) ଙ୍କ ପରିସର ଭୁକ୍ତ ଅଟେ ।

14. ଯେକୌଣସି ମୁହୂର୍ତ୍ତରେ ଯଦି ନିୟମରେ କିଛି ପରିବର୍ତ୍ତନ ଘଟେ ତେବେ, ଲିଜଧାରୀ ପରିବର୍ତ୍ତିତ ନିୟମ ମାନିବାକୁ ବାଧ୍ୟ ହେବେ ।

17/6/2020

ତହସିଲଦାର, ଅତାବିରା

# ତହସିଲ ଅତାବିରା ଅନ୍ତର୍ଗତ ସୈରାତ ଉତ୍ସ ଗୁଡିକର ସାରଣୀ

| କ୍ର. ନଂ | ସୈରାତ କେଶ ନମ୍ବର | ସୈରାତ ଉତ୍ସର ନାମ | ମୌଜାର ନାମ | ଖାତା ସଂଖ୍ୟା | ପ୍ଲଟ ନମ୍ବର | କିସମ | ସୈରାତ ଉତ୍ସର ରକବା (ହେକ୍ଟରରେ) | ସର୍ବ ନିମ୍ନ ରୟାଲିଟି ମୂଲ୍ୟ (ଘନ ମିଟର ପ୍ରତି )ଟଙ୍କାରେ | ମଞ୍ଜୁରି ପ୍ରାପ୍ତ ସର୍ବ ନିମ୍ନ ଅତିରିକ୍ତ ମୂଲ୍ୟ (ଘନ ମିଟର ପ୍ରତି )ଟଙ୍କାରେ | MGQ ଅନୁଯାୟୀ ବାର୍ଷିକ ନ୍ୟୁନତମ ଧାର୍ଯ୍ୟ ଉତ୍ତୋଳନ ପରିମାଣ ( CUM) | ଅଗ୍ରିମ ଦାଖଲ କରିବାକୁ ଥିବା ଅମାନତ ରାଶି (E.M.D) ପରିମାଣ ଟଙ୍କାରେ |
|---|---|---|---|---|---|---|---|---|---|---|---|
| 1 | 1/2020 | ସୋର୍ଣ୍ଣା ପଥର ଖଣି | ସୋର୍ଣ୍ଣା | 749 | 2741 (P) | ପଥର ଚଟାଣ | 2.42 | 130.00 | 80.00 | 1000 | 11000.00 |
| 2 | 2/2020 | ସୋର୍ଣ୍ଣା ପଥର ଖଣି | ସୋର୍ଣ୍ଣା | 749<br>749 | 2750 (P)<br>1931 (P) | ପଥର ଚଟାଣ<br>ପଥର ଚଟାଣ | 1.11<br>1.31<br>2.42 | 130.00 | 80.00 | 1000 | 11000.00 |
| 3 | 3/2020 | ଭୋଇପୁରା ପଥର ଖଣି | ଭୋଇପୁରା | 217<br>217<br>217 | 329<br>331<br>384 | ପଥର ଚଟାଣ<br>ପଥର ଚଟାଣ<br>ପଥର ଚଟାଣ | 0.24<br>0.11<br>0.51<br>0.86 | 130.00 | 80.00 | 500 | 6000.00 |
| 4 | 4/2020 | ଝିଲମିଣ୍ଡା ପଥର ଖଣି | ଝିଲମିଣ୍ଡା | 664 | 1296 (P) | ପଥର ଚଟାଣ | 0.81 | 130.00 | 80.00 | 1000 | 11000.00 |
| 5 | 5/2020 | ଝଙ୍କାବାହାଲ ବାଲି ଶଯ୍ୟା | ଝଙ୍କାବାହାଲ | 101 | 334 (P) | ଝାଉଁଜୋର | 4.86 | 35.00 | 80.00 | 1500 | 9000.00 |
| 6 | 6/2020 | ଚକୁଲି/ ଭୋଇପୁରା ବାଲିଶଯ୍ୟା | ଚକୁଲୀ<br>ଭୋଇପୁରା<br>ଭୋଇପୁରା | 341<br>217<br>217 | 910 (P)<br>623 (P)<br>624 (P) | ଝାଉଁଯୋର<br>ଝାଉଁଯୋର<br>ଝାଉଁଯୋର | 2.83<br>1.01<br>1.01<br>4.85 | 35.00 | 80.00 | 1500 | 9000.00 |
| 7 | 7/2020 | ଭୋଇପାଲି/ଅତାବିରା ବାଲିଶଯ୍ୟା | ଭୋଇପାଲି<br>ଅତାବିରା | 269<br>1594 | 215 (P)<br>5166 (P) | ଝାଉଁଯୋର<br>ଝାଉଁଯୋର | 2.02<br>0.81<br>2.83 | 35.00 | 80.00 | 1000 | 6000.00 |

ତହସିଲଦାର,ଅତାବିରା